# ମୋ ଗାଁ ମୋର ଗୌରବ





ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# କାର୍ପ ମାଛର ଯାଆଁଳ ଚାଷ

ଭାକୁର, ରୋହୀ, ମିରିକାଳି, ରୁପାପେଟି, ଦଳଖାଇ, ବିଲାତି ରୋହୀ ଇତ୍ୟାଦିକୁ ମୁଖ୍ୟ କାର୍ପ କହନ୍ତି । ଏହାଛଡା କଳା ବଇଂଶୀ, ଖୁର୍ସିଆ, କୁରି, ରେବା ପୋହଳା, ବାଟା ଇତ୍ୟାଦିକୁ ଛୋଟ କାର୍ପ କୁହାଯାଏ । ଏହି କାର୍ପ ମାଛର ଯାଆଁଳକୁ ଦୁଇ ସ୍ତରରେ ଚାଷ କରାଯାଏ ।

- **ନର୍ସରୀ ପର୍ଯ୍ୟାୟ :- ଗୁଣ୍ଡ ଯାଆଁଳ କୁ ୧୫-୨୦ ଦିନ ଚାଷ କରାଯାଇ ୧ ଇଞ୍ଚ ଆକାରର ଧାନି ଯାଆଁଳ କରାଯାଏ ।**
- **ଅଙ୍ଗୁଳିକା ପର୍ଯ୍ୟାୟ:- ଧାନି ଯାଆଁଳକୁ ଅଢେଇ ରୁ ତିନି ମାସ ଚାଷ କରି ୨ ୧/୨ ରୁ ୪ ଇଞ୍ଚ ଆକାରର ଅଙ୍ଗୁଳିକା କରାଯାଏ ।**

### ୧. ନର୍ସରୀ ବା ଧାନି ଯାଆଁଳ ପର୍ଯ୍ୟାୟର ଚାଷ ପଦ୍ଧତି

ପୋଖରୀ ଆକାର ୦.୫ ରୁ ୧.୦ ଏକର ଓ ପାଣିର ଗଭୀରତା ୧ ମି. । ଶୁଖିଥିବା ପୋଖରୀରେ ଏକ ଫୁଟ ପାଣି ଭର୍ତ୍ତିକରି ଏକର ପ୍ରତି ୧ ୨ କ୍ୱିଣ୍ଟାଲ କଞ୍ଚା ଗୋବର ଚାରିଆଡେ ପକାଯାଏ । ଦୁଇ ଦିନ ପରେ ପାଣିସ୍ତରକୁ ୧ ମିଟର ପର୍ଯ୍ୟନ୍ତ ବଢାଯାଏ । ବର୍ଷସାରା ପାଣିଥିବା ପୋଖରୀରୁ ପ୍ରଥମେ ଦଳ କଢାଯାଏ । ସାଧାରଣତଃ ନର୍ସରୀ ପୋଖରୀ ଛୋଟ ଥିବାରୁ ଲୋକ ଲଗାଇ ଦଳ କାଢିବା ଉଚିତ୍ ।

### ଶିକାରୀ ମାଛ ଦମନ

ଯାଆଁଳ ଛାଡିବାର ପାଖାପାଖି ୧ ୫ ଦିନ ଆଗରୁ ଶିକାରୀ ମାଛ ଦମନ କରାଯାଏ । ବାଳିଆ, ଶେଉଳ, ଶାଳ, ଗଡିଶା, କଉ, ଫଳି, ମହୁରାଳି, ଜହରାଳି ଇତ୍ୟାଦି ଶିକାରୀ ମାଛଙ୍କୁ ମାରିବା ପାଇଁ ନିମ୍ନଲିଖିତ ଉପାୟ ଗୁଡିକ ମଧ୍ୟରୁ ଯେକୌଣସି ଏକ ଉପାୟ ବ୍ୟବହାର କରାଯାଇ ପାରିବ ।

(କ) ମହୁଲ ପଡିଆ ୧୦୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଖ) ବ୍ଲିଚିଙ୍ଗ ପାଉଡର (୨୦% କ୍ଲୋରିନ୍) ୨୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଗ) ପ୍ରଥମେ ୟୁରିଆ ୪୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ଓ ୧୮ ଘଣ୍ଟା ପରେ ବ୍ଲିଚିଙ୍ଗ ପାଉଡର ୭୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ହିସାବରେ ପକାଯାଏ । ବ୍ଲିଚିଙ୍ଗ ପାଉଡର ବା ମହୁଲ ପିଡିଆ ପକାଇବାର ୧ ୨ ରୁ ୧ ୫ ଦିନ ପରେ ମାଛ ଛାଡହେବ । ହାତରେ ଗ୍ଲୋବ୍ସ ତଥା ଆଖିକୁ ବଞ୍ଚାଇ ବ୍ଲିଚିଙ୍ଗ୍ ପାଉଡର ପକାଇବା ଉଚିତ୍ ।

### ପୋଖରୀରେ ଚୂନ ପ୍ରୟୋଗ

ସାଧାରଣତଃ ଯାଆଁଳ ଚାଷ ପାଇଁ ପାଣିର ପି.ଏଚ୍ ୭.୫ ରୁ ୮.୩ ହେବା ଉଚିତ୍ । ପାଣିର ପି.ଏଚ୍ ୭.୫ ଭିତରେ ଥିଲେ ଏକର ପିଛା ୮୦ କି.ଗ୍ରା. ପଥର ଚୂନ ଅଳ୍ପ ପାଣି ସିଞ୍ଚି ଘାଣ୍ଟିଦେଲେ ମୁଣ୍ଡା ଚୂନ ପଥର ଫାଟି ଗୁଣ୍ଡ ହୋଇଯାଏ ଓଏହି ଗୁଣ୍ଡ ପୋଖରୀରେ ସମାନ ଭାବରେ ପକାଯାଏ ।

### ନର୍ସରୀ ପୋଖରୀରେ ସାର ପ୍ରୟୋଗ

ପୋଖରୀରେ ସାର ପ୍ରୟୋଗ କରି ପ୍ଲବକ ବା ପ୍ଲାଙ୍କଟନ୍ ସଂଖ୍ୟା ବୃଦ୍ଧି କରାଯିବା ଉଚିତ୍ ଯାହା ଜାଆଁଳ ର ପ୍ରାକୃତି ଖାଦ୍ୟ ଅଟେ । ଏଥିାଇଁ ବିଭିନ୍ନ କିସ୍ତିରେ ସାର ଓ ଗୋବର ପକାଯାଏ । ଯାଆଁଳ ଛାଡିବାର ୪ ରୁ ୫ ଦିନ ପୂର୍ବରୁ ୧୫୦ କି.ଗ୍ରା. ବାଦାମ ବା ସୋରିଷ ପିଡିଆ (ପୂର୍ବ ରାତିରୁ ପାଣିରେ ଭିଜାଇ) + ୪୦ କି.ଗ୍ରା. କଞ୍ଚା ଗୋବର + ୧୦ କି.ଗ୍ରା. ସିଙ୍ଗଲ ସୁପର ଫସପେଟକୁ ମିଶାଇ ପୋଖରୀରେ ଚାରିଆଡେ ସମାନ ଭାବରେ ପାଣିରେ ମିଶାଇ ପକାଯାଏ । ଜାଆଁଳ ଛାଡିବାର ୫ ଓ ୧୦ ଦିନ ପରେ ଉପର ଲିଖିତ ମାତ୍ରାର ଅଧା ପରିମାଣ ପ୍ରତ୍ୟେକ ଥର ପକାଯାଏ ।

### ପୋକ ନିୟନ୍ତ୍ରଣ

ଯାଆଁଳ ଛାଡିବା ପୂର୍ବରୁ ବାରମ୍ବାର ପୋଖରୀରେ ମଶାରୀ ଜାଲ ବାରମ୍ବାର ଚଲାଯାଇ ସବୁ ପୋକ ଧରାଯାଏ । ଏକ ବାଲଟିରେ ଅଧାପାଣି ରଖି ସେଥିରେ ଟିକିଏ କିରୋସିନି ପକାଯାଏ ଓ ଧରିଥିବା ପୋକକୁ ଜାଲ ସହ ୪ ରୁ ୫ ମିନିଟ୍ ବୁଡାଇ ରଖିଲେ ପୋକ ମରିଥାଏ ।

**ଜାଆଁଳ ପରିମାଣ**

ସାଧାରଣତଃ ଏକ ଏକର ପାଣିଥିବା ପୋଖରୀରେ ୨୦ ଲକ୍ଷ ଗୁଣ୍ଡ ଯାଆଁଳ (୫୦୦ ଜାଆଁଳ/ବର୍ଗ.ମି.) ଛଡାଯାଏ । ସବୁବେଳେ ଏକା ଜାତିର ମାଛର ଜାଆଁଳ ଚାଷ କଲେ ଧାନି ଯାଆଁଳ ବିକ୍ରି ପାଇଁ ସୁବିଧା ହୋଇଥାଏ । କିନ୍ତୁ ସିମେଣ୍ଟ ଟାଙ୍କିରେ ଚାଷ କଲେ ଜାଆଁଳ ସଂଖ୍ୟା ପ୍ରତି ବର୍ଗ ମିଟରକୁ ୩ ରୁ ୪ ଗୁଣ ବଢାଯାଇପାରିବ ।

**ଜାଆଁଳ ପରିବହନ**

ଥଣ୍ଡା ପାଗ ତଥା ସକାଳ ବା ସନ୍ଧ୍ୟା ସମୟରେ ଜାଆଁଳ ପରିବହନ କରିବା ଉଚିତ୍ । ଜାଆଁଳ ପକେଟ୍ ଗାଡିରୁ ସିଧାସଳଖ ନେଇ ପୋଖରୀରେ ପକାଯାଏ । ୫ ମିନିଟ୍ ପରେ ପକେଟ୍ ଖୋଲି ଅଳ୍ପ ଅଳ୍ପ ପୋଖରୀ ପାଣି ୨ ରୁ ୩ ମିନିଟ୍ ବ୍ୟବଧାନରେ ମିଶାଯାଏ । ୧୦ ରୁ ୨୦ ମିନିଟ୍ ପାଣି ମିଶାଇଲା ପରେ ପକେଟ୍‌ର ମୁହଁକୁ ଅଣେଇପୋଖରୀ ପାଣିରେ ମିଶାଇଲେ ଆସ୍ତେ ଆସ୍ତେ ଯାଆଁଳ ପୋଖରୀରୁ ବାହାରି ଯାଆନ୍ତି ।

**ଜାଆଁଳ ପାଇଁ ଖାଦ୍ୟ ଓ ତାର ପରିମାଣ**

ସମାନ ପରିମାଣର ବାଦାମ ପିଡିଆ ଓ କୁଣ୍ଡାକୁ ମିଶାଇ ଅଟା ଚକିରେ ଗୁଣ୍ଡ କରାଯାଇ ଖାଦ୍ୟ ପ୍ରସ୍ତୁତ କରାଯାଏ । ଏହି ମିଶ୍ରିତ ଖାଦ୍ୟରେ ଶୁଖୁଆ ଗୁଣ୍ଡ ୫-୧୦% ମିଶାଇଲେ ଜାଆଁଳ ଅଧିକା ବଞ୍ଚିଥାନ୍ତି । ଜାଆଁଳ ଛାଡିବାର ଦ୍ୱିତୀୟ ଦିନରୁ ଗୁଣ୍ଡ ଖାଦ୍ୟ ପ୍ରତିଦିନ ୬୦୦ ଗ୍ରାମ୍/ ୧ ଲକ୍ଷ ଯାଆଁଳ ହିସାବରେ ପ୍ରଥମ ୫ ଦିନ ପାଇଁ ଦିଆଯାଏ । ଏହି ପରିମାଣକୁ ପ୍ରତ୍ୟେକ ଦିନ ଲକ୍ଷ ପ୍ରତି ୧୦୦ ଗ୍ରାମ୍ ଲେଖାଏଁ ବଢାଯାଏ ।

**ଜାଆଁଳ ଅମଳ**

୧୫ ରୁ ୨୦ ଦିନ ଯାଆଁଳ ଚାଷ ପରେ ପୋଖରୀରୁ ଧାନି ଯାଆଁଳ ଧରାଯାଇ ଅଙ୍ଗୁଳିକା ଚାଷ ପାଇଁ ନିଆଯାଏ । ଯାଆଁଳ ସମ୍ପୂର୍ଣ୍ଣ ଧରିସାରିଲା ପରେ ପୁଣିଥରେ ପୋଖରୀକୁ ଆଉ ଏକ ଫସଲ ପାଇଁ ପ୍ରସ୍ତୁତ କରାଯାଏ । ପୋଖରୀରେ ପାଣିର ଗୁଣ ଠିକ୍ ଥିଲେ ସାଧାରଣତଃ ଆଉ ମହୁଲ ପିଡିଆ ବା ଚୂନର ଦରକାର ପଡେନାହିଁ ।

**ଜାଆଁଳ ପୋଖରୀରେ ଅମ୍ଳଜାନ ପରିଚାଳନା**

ମେଘୁଆ ପାଗ ହେଲେ ଯାଆଁଳ ପୋଖରୀରେ ଅମ୍ଳଜାନ ଅଭାବ ଦେଖାଯାଏ । ଏହି ସମୟରେ ନିମ୍ନଲିଖିତ ଉପାୟ କରିବା ଉଚିତ୍ । ପମ୍ପ ଚଲାଇ ସେହି ପୋଖରୀ ପାଣିକୁ ଟାଣି ବିରୀତ ଦିଗରେ ପକାଗଲେ ଅମ୍ଳଜାନ ବଢିଯାଏ । ତାଛଡା ପୋଖରୀରେ ଅଧିକ ଯାଆଁଳ ଥିଲେ ଏଇରେଟର ଚଲାଯାଏ ।

**୨. ଅଙ୍ଗୁଳିକା ପର୍ଯ୍ୟାୟର ଋଷ ପଦ୍ଧତି**

ପୋଖରୀର ଆକାର ୦.୫ ରୁ ୧.୦ ଏକର ହୋଇଥାଏ । ଦଳକଢା, ଶିକାରୀ ମାଛ ଦମନ ଓ ଚୂନ ପ୍ରୟୋଗ ପାଇଁ ନର୍ସରୀ ପୋଖରୀ ପ୍ରସ୍ତୁତିର ଉପାୟ ବ୍ୟବହାର କରାଯାଏ । ପ୍ରଥମେ ଏକର ପିଛା ୧୨ କ୍ୱିଣ୍ଟାଲ ଗୋବର ସମାନ ଭାବରେ ଖେଳାଇ ପକାଯାଏ । ଏହାର ୪-୫ ଦିନ ପରେ ପୋଖରୀରେ ପି.ଏଚ୍. ଦେଖି ପ୍ରତି ଏକରକୁ ୮୦ କି.ଗ୍ରା. ପଥର ଚୂନ ପକାଯାଏ । ଚୂନ ପଡିବାର ୪-୫ ଦିନ ପରେ ପୋଖରୀରେ ଯାଆଁଳ ଛଡାଯାଏ । ଏକ ଏକର ପୋଖରୀରେ ୮୦,୦୦୦-୧,୨୦,୦୦୦ ପର୍ଯ୍ୟନ୍ତ ଧାନି ଯାଆଁଳ ଛଡାଯାଏ । ସାଧାରଣତଃ ଏକରୁ ଅଧିକ ଜାତିର ମାଛ ଏକା ସାଙ୍ଗରେ ଛଡାଯାଇ ଚାଷ କରାଯାଇ ପାରିବ । ଜାଆଁଳର ପରିବହନ ଓ ଛଡା ଯିବାର ପ୍ରଣାଳୀ ପୂର୍ବ ବର୍ଣ୍ଣିତ ଉପାୟରେ କରାଗଲେ ଜାଆଁଳ ବଞ୍ଚିବା ହାର ବଢିଥାଏ ।

**ଖାଦ୍ୟ ପରିଚାଳନା**

ନର୍ସରୀ ପୋଖରୀ ପ୍ରସ୍ତୁତିରେ ଦିଆଯାଇଥିବା ଖାଦ୍ୟ ଅଙ୍ଗୁଳି ଯାଆଁଳ ପାଇଁ ନିମ୍ନ ଉପାୟରେ ବ୍ୟବହାର କରାଯାଏ । ପ୍ରତ୍ୟେକ ୧୫ ଦିନରେ ଥରେ ଜାଲ ପକାଇ ମାଛର ଓଜନ ନିର୍ଣ୍ଣୟ କରାଯାଏ । ୧ମ, ୨ୟ ଓ ୩ୟ ମାସରେ ପୋଖରୀରେ ଥିବା ମାଛ ଓଜନର ଯଥାକ୍ରମେ ୧୦, ୮ ଓ ୬% ଓଜନର ଭସା ଖାଦ୍ୟ ଭାବେ ଦିଆଯାଏ ।

ମେଘୁଆ ପାଗ ଓ ପାଣିର ଗୁଣମାନ ଖରାପ ହେଲେ ଖାଦ୍ୟ ପରିମାଣ କମ କରାଯାଏ ।

**ମଧ୍ୟବର୍ତ୍ତୀ କାଳୀନ ସାର ପ୍ରୟୋଗ**

ଜାଆଁଳ ଛାଡିବା ପରେ ପ୍ରତି ସପ୍ତାହରେ ଏକର ପ୍ରତି ଗୋବର ୨୦୦ କି.ଗ୍ରା ବା (୧୦ କି.ଗ୍ରା ୟୁରିଆ + ୧୫ କି.ଗ୍ରା ଏସ୍.ଏସ୍.ପି) ପକାଯାଏ । ପୋଖରୀରେ ୧ରୁ ୨ ମାସକୁ ଥରେ ଚୂନ ପକାଇବା ଉଚିତ୍ । ଯଦିବା ପ୍ରତ୍ୟେକ ଥର ଏକର ପ୍ରତି ୮୦ କି.ଗ୍ରା ପଥର ଚୂନ ପକାଯାଇପାରେ,ଏହି ମାତ୍ରା ପୋଖରୀ ପାଣିର ପି.ଏଚ୍.ପରୀକ୍ଷାକରି ନିର୍ଣ୍ଣୟ କରାଯାଏ ।

**ମାଛ ସ୍ୱାସ୍ଥ୍ୟ ପରୀକ୍ଷା**

ପ୍ରତ୍ୟେକ ୧୫ ଦିନକୁ ଥରେ ଜାଲ ଟାଣି ମାଛ ମାନଙ୍କ ସ୍ୱାସ୍ଥ୍ୟ ଓ ଓଜନ ପରୀକ୍ଷା କରାଯାଏ । ମାଛ ଦେହରେ କୌଣସି ଘାଆ, ଦାଗ ବା ପରଜୀବି ଥିଲେ ତାର ନିରାକରଣ ପାଇଁ ମତ୍ସ୍ୟ ବିଶେଷଜ୍ଞ ପରମାର୍ଶଙ୍କ ନେବା ଉଚିତ୍ ।

**ଅଙ୍ଗୁଳିକା ଯାଆଁଳର ଅମଳ**

ଧାନି ଯାଆଁଳକୁ ୨.୫ ରୁ ୩.୦ ମାସ ଚାଷ କଲାପରେ ତାହା ୨.୫ ରୁ ୪.୦ ଇଞ୍ଚ ହୋଇଥାନ୍ତି ଯାହା ବଡ ମାଛ ଚାଷ ପୋଖରୀରେ ଛାଡିବା ପାଇଁ ଉପଯୁକ୍ତ ବିକ୍ରୀ କରିବା ପୂର୍ବରୁ ଯାଆଳଁ ଧରି ହାପା ଜାଲରେ ଅଧକ୍ ସଂଖ୍ୟରେ କିଛି ସମୟ ରଖାଯାଏ । ଏହା ଫଳରେ ଯାଆଳଁ ଗୁଡିକ ମଳ ତ୍ୟାଗ କରିଦେଇଥାନ୍ତି ଓ ପରିବହନ ପାଇଁ ଉପଯୁକ୍ତ ହୁଅନ୍ତି ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି

**ଡ. ପ୍ରତାପ ଚନ୍ଦ୍ର ଦାସ,** ପ୍ରଧାନ ବୈଜ୍ଞାନିକ

**ଡ. ସୁହାସ ପ୍ରକାଶ କାମ୍ଳେ,** ବୈଜ୍ଞାନିକ

ପ୍ରକାଶକ

**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ